# Akashvani, Sambalpur

## SAMBALPURI NEWS MORNING BULLETIN

## 1 August 2026 - 6.47- 6.52 am.

---

ସମ୍ବଲପୁରୀ ଦିନ                ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ସମ୍ବଲ୍‌ପୁରୀ ଦିନ୍ । ଇଥିର୍‌ଲାଗି ଭିନ୍ ଭିନ୍ ଜାଗା ନ ସାଂସ୍କୃତିକ୍ ଅନୁଷ୍ଠାନ୍‌ମାନ୍‌କର୍ ତର୍‌ଫୁ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ । ସମ୍ବଲପୁରୀ ସାହିତ୍ୟର ନାଁକରା କବି ଗୁରୁ ସତ୍ୟନାରାୟଣ ବହିଦାରଙ୍କର ୨୦୧୩ ମସିହା ନ ହେଇଥିବା ଜନ୍ମ ଶତବାର୍ଷିକୀ ବର୍‌ସୁ ଇ ଦିନ୍ ପାଲନ୍ କରାଯାଉଛେ । ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର ଦିଗେ ତାଙ୍କର ବଡ ଅବଦାନ ରହିଛେ । ଇ ଦିବସ୍ ନ ସମ୍ବଲ୍‌ପୁରୀ ହସ୍ତତନ୍ତର ବସ୍ତ୍ର ପିନ୍ଧିବାର୍ ଚଲନ୍ ରହିଛେ । ସମ୍ବଲ୍‌ପୁର୍‌ର କଚ୍‌ରୀ ଛକ୍, ଗଙ୍ଗାଧର୍ ମଣ୍ଡପ୍ ପଡ଼ିଆ ଆର୍ ଅଲ୍‌ଗା ଜାଗା ମାନ୍‌କେ ସମ୍ବଲ୍‌ପୁରୀ ଦିନ୍ ଲାଗି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ବନ୍ୟା ଅନୁଧାନ୍        ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟର୍ ବନ୍ୟା ପ୍ରଭାବିତ୍ ଜିଲ୍ଲାମାନ୍‌କର୍ ଆକାଶ୍‌ମାର୍ଗନୁ ଅନୁଧାନ୍ କର୍‌ବେ । ଯାଜ୍‌ପୁର୍, ଭଦ୍ରକ୍, ବାଲେଶ୍ୱର୍ ଆର୍ କେନ୍ଦୁଝର୍ ଜିଲ୍ଲାର୍ ପ୍ରଭାବିତ୍ ଇଲାକାମାନ୍‌କର୍ ମୁଖ୍ୟମନ୍ତ୍ରୀ ଅନୁଧାନ୍ କର୍‌ବେ । ତାଙ୍କର୍ ସାଙ୍ଗେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ଆଉ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ୍ ପ୍ରଭାକର୍ ପାଟିଲ୍ ଉପସ୍ଥିତ୍ ରହେବେ ବଲି ସୂଚ୍‌ନା ମିଲିଛେ ।

ଉପମୁଖ୍ୟମନ୍ତ୍ରୀ- ବଏଡ୍ ସମୀକ୍ଷା        ଆଇ ଆଣ୍ଡ୍ ପି.ଆର୍

ରାଏଜେ ବଏଡ୍ ଲାଗି ହେଇଥିବା ଫସଲ୍ ନୁକ୍‌ସାନ୍‌ର ଆକଲନ୍ ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ ଆଉ କୃଷି ଆଉ କୃଷକ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଇଥି ତୁର୍‌ତି ଆଉ ସ୍ୱଚ୍ଛ ଆକଲନ୍ ନିଶ୍ଚିତ୍ କର୍‌ବାର୍ ଲାଗି ସର୍‌କାର୍ ଗୁଟେ ସ୍ୱତନ୍ତ୍ର ଆକଲନ୍

କମିଟି ଗଠନ୍ କରିଛନ୍ । ଇ କମିଟି ଖୋବ୍ ଜଲ୍ଦି ଫସଲ୍ କ୍ଷତିପୂରଣ୍ ରିପୋର୍ଟ ଦେବା । ରିପୋର୍ଟ ଆଧାର୍ଥି ଗୁଟେ ବିଶେଷ୍ ସାହାଜ୍ ପେକେଜ୍ ଘୋଷ୍ନା କରାଯିବା । ଯେନ୍ଥି ସବୁନୁ ଅଏତ୍କା ପ୍ରଭାବିତ୍ ଜିଲ୍ଲାମାନ୍କୁ ଅଗ୍ରାଧିକାର୍ ଦିଆଯିବା । ପ୍ରାରମ୍ଭିକ୍ ନୁକ୍ସାନ୍ ସମିଆଥି ଚାଷୀମାନ୍କୁ ସାହାଜ୍ କର୍ବାର୍ ଲାଗି ଓଡ଼ିଶା ରାଜ୍ୟ ବିହନ୍ ନିଗମ୍ ପରିଚାଳନା ନିର୍ଦ୍ଦେଶକ୍ ବିହନ୍ ମିଲ୍ବାର୍ ବାବ୍ଦେ ଗୁଟେ ଜରୁରୀକାଲୀନ୍ ରିପୋର୍ଟ ଉପସ୍ଥାପନ୍ କରିଛନ୍ । କ୍ଷେତ୍ରସ୍ତରୀୟ ସମସ୍ୟା ଆଉ ଅଭିଯୋଗ୍ର ସମାଧାନ୍ ଲାଗି ମୁଖ୍ୟାଳୟ ନ ଝନେ ନେଡ଼ାଲ୍ ଅଫିସର୍ ଆଉ ବ୍ଲକ୍ସ୍ତର୍ ନ ଥିବା ଅଧିକାରୀଙ୍କୁ ନେଇକରି ଗୁଟେ ତ୍ରିସ୍ତରୀୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛେ । ଚାଷୀମାନେ ପରାମର୍ଶ ଆଉ ସାହାଜ୍ ଲାଗି ସଖାଲର୍ ୮ ନୁ ସଞ୍ଝର୍ ୮ ବଜେତକ୍ ଟୋଲ୍ଫ୍ରି ହେଲ୍ପ ଲାଇନ୍ ନମ୍ବର୍ ୧୫୫-୩୩୩ ଥି ଯୋଗାଯୋଗ୍ କରିପାର୍ବେ ।

ରାଜସ୍ୱ ମନ୍ତ୍ରୀ-ବଏଢ୍ ଥିତି ସମୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଭବନ୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀ ଆଉ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ବଏଢ୍ ପରିସ୍ଥିତି ବାବ୍‌ଦେ ସମୀକ୍ଷା କରିଛନ୍ । ଭିନ୍ ଭିନ୍ ଜିଲ୍ଲାମାନ୍‌କେ ବଏଢ୍ ପରିସ୍ଥିତି ଧିରେ ଧିରେ ସୁଧିରୁଥିବାର୍ ବେଳେ ଏସ୍‌ଆର୍‌ସି, ଉଦ୍ଧାର୍‌କାରୀ ଦଲ୍ ଆଉ ଜିଲ୍ଲା ପ୍ରଶାସନ୍‌ର ଚେଷ୍ଟାଥି ଲୁକ୍‌କର୍ ଧନ୍‌ଜୀବନ୍ ସୁରକ୍ଷାକେ ନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଶ୍ରୀ ପୂଜାରୀ ଜୋର୍ ଦେଇଛନ୍ । ମହାନଦୀର୍ ଜଲ୍‌ସ୍ତର୍ ଉପ୍‌ରେ  ନଜର୍ ରଖାଯିବାର୍ ସହେତେ ଇତାର୍ ଆଖର୍‌ପାଖର୍ ଇଲାକା ଆଉ ଉପକୂଳ ଜିଲ୍ଲାମାନ୍‌କେ ଭିଲ୍ ପ୍ରଶାସନ୍ ପୁରା ସଜାଗ୍ ରହେବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ ।

ରାଷ୍ଟ୍ରପତି ଭବନ୍-ଓଡ଼ିଶା ଷ୍ଟାର୍ଟଅପ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନ୍ ଠାନେ ଗୁଟେ ଖାସ୍ ପ୍ରଦର୍ଶନୀଥି ଓଡ଼ିଶାର୍ ୩ ଟା ଷ୍ଟାର୍ଟଅପ୍ ସେମାନ୍‌କର୍ ଅଭିନବ ଉତ୍ପାଦ ପ୍ରଦର୍ଶନ୍ କରିଛନ୍ । ‘ଅଟଳ ଇନୋଭେସନ୍ ମିଶନ୍’ ଅଧୀନ୍‌ଥି ଦେଶର୍ ଭିନ୍

ଭିନ୍ ଜାଗାନୁ ବଛା ହେଇକରି ତ୍ରୁଣମୁଳ ସ୍ତର୍ର ଇ ଯୁବ ଉଦ୍ୟୋଗୀମାନ୍କର ଭିତ୍ରେ ଓଡ଼ିଶାର୍ ତିନ୍ହି ଉଦ୍ୟୋଗୀ ସାମିଲ୍ ହେଇଛନ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ସାମ୍ନା ନ ସେମାନ୍କର୍ ଉତ୍ପାଦ ଉପସ୍ଥାପନ୍ କରିଥିଲେ ।

ରାଜ୍ୟର୍ ଯୁବ ଉଦ୍ୟୋଗୀମାନ୍କୁ ଅଭିନନ୍ଦନ୍ ଜନେଇକରି ଅଣୁ, କ୍ଷୁଦ୍ର, ମଧ୍ୟମ୍ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ଓଡ଼ିଶା ନବସୃଜନର୍ କେନ୍ଦ୍ର ହେଇପାରିଛେ ।

ମୁଖ୍ୟ ଶାସନ୍ ସଚିବ-ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଏସୀୟ ବିକାଶ୍ ବେଙ୍କ୍ ପ୍ରତିନିଧି ମାନ୍କର୍ ଗୁଟେ ଉଚ୍ଚା ଦର୍ଜାର୍ ବୈଠକ୍ ହେଇଯାଇଛେ । ଏସୀୟ ବିକାଶ୍ ବେଙ୍କ୍ ସହଯୋଗ୍ଥି ରାଏଜେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ମାନ୍କର୍ ସହେତେ ବିକଶିତ୍ ଓଡ଼ିଶା ୨୦୩୬ ଆଉ ବିକଶିତ୍

ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ ଲାଗି ଭବିଷ୍ୟତ୍ ସହଯୋଗ୍ ଉପ୍ରେ ବିସ୍ତାର୍ ଭାବେ ଆଲୋଚନା କରାଯାଇଥିଲା ।

ପ୍ରଶ୍ନପତ୍ର-କମିଟି ଗଠନ୍         ଆର୍ଏନ୍ୟୁ/ ସମ୍ବଲପୁର

ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ୍ ନ ପରୀକ୍ଷା ପ୍ରଶ୍ନପତ୍ର ବାବଦ୍ ଗୁଟେ ଘଟ୍ନାକେ ନେଇକରି ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ୩ ଝନିଆ ଉଚ୍ଚସ୍ତରୀୟ କମିଟି ଗଠନ୍ କରାଯାଇକରି ତଦନ୍ତ୍ ନିର୍ଦ୍ଦେଶ୍ ଦିଆଯାଇଛେ । ଇଥି ସ୍ୱାସ୍ଥ୍ୟ ବିଭାଗ୍‌ର ଅତିରିକ୍ତ ସଚିବ ବିଜୟ କୁମାର୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ୨ ଝନ୍ ସଦସ୍ୟ ଅଛନ୍ । ଓଡ଼ିଶା ୟୁନିଭର୍ସିଟି ଅଫ୍ ହେଲ୍ଥ ସାଇସେନ୍ସ ପରୀକ୍ଷା ପରିଚାଳନାଥି ହେଇଥିବା ତ୍ରୁଟି ବାବ୍ଦେ ଏମ୍‌କେସିଜି ମେଡ଼ିକାଲ୍ କଲେଜ୍‌କେ ସ୍ୱଷ୍ଟିକରଣ୍ ମଗିଛେ ।

ରାଜ୍ୟପାଲ୍           ଆଇ ଆଣ୍ଡ୍ ପି.ଆର୍

ପ୍ରତିରକ୍ଷା ଗବେଷଣା, ନବସୃଜନ ଆଉ ଦକ୍ଷତା ବିକାଶ୍‌କେ ପ୍ରୋତ୍ସାହନ୍ ଦେବାର୍ ଲାଗି ଗୋପାଲ୍‌ପୁର୍ ଆର୍ମି ଏୟାର୍ ଡିଫେନ୍ସ କଲେଜ୍ ଆଉ ଓଡ଼ିଶାର୍ ଶିକ୍ଷାନୁଷ୍ଠାନ୍ ମାନ୍‌କର୍ ଭିତ୍‌ରେ ଅଏତ୍‌କା ସମନ୍ୱୟ ଆଉ ଆବଶ୍ୟକତା ଉପ୍‌ରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଜୋର୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ଭବନ ନ ହେଇଥିବା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ରାଜ୍ୟପାଲ୍ ଆର୍ମି ଏୟାର୍ ଡିଫେନ୍ସ କଲେଜ୍ ତର୍‌ଫୁ ତିଆର୍ କରାଯାଇଥିବା ପ୍ରସ୍ତାବ୍ ମାନ୍‌କର୍ ସମୀକ୍ଷା କରିକରି ଆର୍ମି ଏୟାର୍ ଡିଫେନ୍ସ କଲେଜ୍‌ର ପ୍ରୟୋଗ୍‌ଶାଳମାନ୍‌କେ ରାଜ୍ୟର୍ ଭିନ୍ ଭିନ୍ ଇଞ୍ଜିନିୟରିଂ କଲେଜ୍‌ର ଛାତ୍ରଛାତ୍ରୀମାନ୍‌କର୍ ପରିଦର୍ଶନ୍ ଲାଗି ପଦକ୍ଷେପ୍ ନେବାର୍‌କେ ପରାମର୍ଶ ଦେଇଛନ୍ ।